# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 September – 2026**

**************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରଠାରେ ୪ଟି ବିଭାଗର ୧ହଜାର ୧୦୧ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଆ ଭାଷାକୁ ଜ୍ଞାନ ଓ ନବସୃଜନରେ ପରିଣତ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ
- ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ
- ସମ୍ବଲପୁରଠାରେ ଉତ୍ତରାଞ୍ଚଳ ଜୋନ୍ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କଲେ ପୁଲିସ ମହାନିର୍ଦ୍ଦେଶକ
- ଶ୍ରୀଜୀଉଙ୍କ ସୁନାବେଶ ପାଇଁ ନୂତନ ଅଳଙ୍କାର ସେଟ୍ ତିଆରି କରାଯିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ଉଭୟ ପୁରୁଷ ଓ ମହିଳା କବାଡ଼ି ଦଳକୁ ସ୍ୱର୍ଣ୍ଣ

Desk

# ନିଯୁକ୍ତିମେଳା

ନିଯୁକ୍ତି ମେଳା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଯୁବବର୍ଗଙ୍କ ସ୍ୱପ୍ନକୁ ସାକାର ଓ ବିଶ୍ୱାସକୁ ସମ୍ପୂର୍ଣ୍ଣ କରିବାର ଦୃଢ଼ ପ୍ରତିଶ୍ରୁତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟଠାରେ ମୁଖ୍ୟମନ୍ତ୍ରୀ ଆଜି ନୂତନ ଭାବେ ଚୟନ ହୋଇଥିବା ୪ଟି ବିଭାଗର ୧ ହଜାର ୧୦୧ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି କହିଛନ୍ତି, ନିଯୁକ୍ତି ପ୍ରକ୍ରିୟାକୁ ପ୍ରାଥମିକତା ଦେଇ ସରକାର ଏବେ ସୁଦ୍ଧା ୪୬ ହଜାର ୫୫୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନର ଆକାଂକ୍ଷୀ ଯୁବସମାଜ ଭବିଷ୍ୟତର ସ୍ୱଚ୍ଛତା, ରୋଜଗାର, ସାମାଜିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ସରକାରଙ୍କୁ ଅଧିକ ଦାୟିତ୍ୱବାନ ଓ ତତ୍ପର କରିଛି। ଆର୍ଥିକ ଓ ସାମାଜିକ ସୁରକ୍ଷା ସହ ରାଜ୍ୟ ଏବଂ ସମାଜ ପାଇଁ କର୍ତ୍ତବ୍ୟ ସମ୍ପାଦନ କରିବାର ଗୁରୁଦାୟିତ୍ୱ ଆଜିଠାରୁ ଆରମ୍ଭ ହୋଇଛି ବୋଲି ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୯୦୬ ଜଣ, ଅର୍ଥ ବିଭାଗର ୧୦୬, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୭୨ ଏବଂ ସମବାୟ ବିଭାଗର ୧୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ସଂପର୍କିତ ମାନସିକ ସ୍ୱାସ୍ଥ୍ୟ ନିର୍ଦ୍ଦେଶାବଳୀ ପୁସ୍ତକର ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି ।

BBSR/R

## ବିକଶିତ-୨୦୩୬

ଓଡ଼ିଆ ଭାଷାକୁ ଜ୍ଞାନ, ଦକ୍ଷତା, ନବସୃଜନ ଓ ସୁଯୋଗର ଭାଷା ଭାବେ ବିକଶିତ କରିବା ପାଇଁ ସମସ୍ତଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନଠାରେ 'ଆମ ଭାଷା, ଆମ ଗର୍ବ ଓ ବିକଶିତ ଓଡ଼ିଶା-୨୦୩୬ ପାଇଁ ଦୃଷ୍ଟିଭଙ୍ଗୀ ଶିକ୍ଷକ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଓଡ଼ିଆ କହିବା ସହିତ ଏହି ଭାଷାରେ ଜ୍ଞାନ ହାସଲ, ଦକ୍ଷତା ବିକାଶ, ନୂଆ ସୁଯୋଗ ସୃଷ୍ଟି କରିବା ଭାଷାର ପ୍ରକୃତ ସଶକ୍ତୀକରଣ । ଓଡ଼ିଆରେ ଗୁଣାତ୍ମକ ଶିକ୍ଷା ସାମଗ୍ରୀ ବିଶେଷ କରି ବୈଷୟିକ, ବୈଜ୍ଞାନିକ ଓ ବୃତ୍ତିଗତ ବିଷୟ ପୁସ୍ତକ ଉପଲବ୍ଧ ହେବା ଆବଶ୍ୟକ । ଆଇନ, ସରକାରୀ ଯୋଜନା ଓ ଜରୁରୀ ସରକାରୀ ଦସ୍ତାବିଜକୁ ମଧ୍ୟ ସରଳ ସହଜ ଓଡ଼ିଆରେ ଅନୁବାଦ କରାଯିବା ଦରକାର ବୋଲି ରାଜ୍ୟପାଳ କହିଛନ୍ତି । ମାତୃଭାଷା ଏକ ଜାତିର କଳ୍ପନା, ମୂଲ୍ୟବୋଧ ଓ ସାମୂହିକ ଆକାଂକ୍ଷାକୁ ପ୍ରତିଫଳିତ କରିଥାଏ । ଏହା ଶିଶୁମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ସମାଜରେ ଜ୍ଞାନ

ବିନିମୟ ଓ ସାମାଜିକ, ଆର୍ଥିକ ଜୀବନରେ ସଫଳଭାବେ ଅଂଶଗ୍ରହଣ କରିବାରେ ସହାୟକ ହୁଏ। ବିକଶିତ ଓଡ଼ିଶା-୨୦୩୬ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ସମୟରେ ଓଡ଼ିଆକୁ ଜ୍ଞାନ ଓ ନବସୃଜନର ଏକ ଗତିଶୀଳ ଭାଷାରେ ପରିଣତ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

HS

## ହସ୍ପିଟାଲ ନିର୍ମାଣ

ବେଦାନ୍ତ ମୁଖ୍ୟ ଅନିଲ ଅଗ୍ରୱାଲ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱର ଲୋକସେବା ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀ ଅଗ୍ରୱାଲ ପଶ୍ଚିମ ଓଡ଼ିଶାରେ ୧ ହଜାର ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ବେଦାନ୍ତ ଝାରସୁଗୁଡ଼ାରେ ୨ ମିଲିୟନ ଟନ୍‌ର ସ୍ମେଲଟର ପ୍ଲାଣ୍ଟ ନିର୍ମାଣ ସହ ୧ ଲକ୍ଷ କୋଟି ଟଙ୍କା ନିବେଶ କରିବ। ପ୍ଲାଣ୍ଟ ପାଇଁ ରାଜ୍ୟ ସରକାର ୫୦୦ ଏକର ଜାଗା ଯୋଗାଇ ଦେଇଛନ୍ତି। ସିଜିମାଳି ଓ କର୍ଲାପାଟ ଖଣିକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ନେଇ ମଧ୍ୟ ଆଲୋଚନା ହୋଇଛି।

Desk

Desk

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କୀ ବାତ୍‌ର ୧୩୮ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ

Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

Desk

## ସେବା ସଂକଳ୍ପ ଅଭିଯାନ

ସବୁଜ ଭବିଷ୍ୟତ ପାଇଁ 'ଏକ ପେଡ଼ ମା' କେ ନାମ-୩.୦' ଅଭିଯାନ ଓଡ଼ିଶାର ସାମୂହିକ ସଂକଳ୍ପର ପ୍ରତିଫଳନ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ସେବା ସଂକଳ୍ପ ଅଭିଯାନ ଅଧୀନରେ ଗତକାଲି ରାଜ୍ୟରେ ଗୋଟିଏ ଦିନରେ ୪୭ ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଓ ଗ୍ରାମପଞ୍ଚାୟତର ଅଂଶଗ୍ରହଣ ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନ ପାଇଁ ଓଡ଼ିଶାବାସୀଙ୍କ ସାମୂହିକ ସଂକଳ୍ପକୁ ଏହା ପ୍ରତିଫଳିତ କରୁଛି। ଗାଁଗୁଡ଼ିକୁ ଅଧିକ ସବୁଜ, ସୁସ୍ଥ ଓ ସ୍ଥାୟୀ କରିବା ପାଇଁ ଏହି ଅଭିଯାନକୁ ଆଗକୁ ଜାରି ରଖିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

Sambalpur

## ଆଇନଶୃଙ୍ଖଳାର ପରିସ୍ଥିତି ସମୀକ୍ଷା

ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଆଜି ସମ୍ବଲପୁର ଉତ୍ତରାଞ୍ଚଳ ଡି.ଆଇ.ଜି. କାର୍ଯ୍ୟାଳୟଠାରେ ଆଇନ ଶୃଙ୍ଖଳା ପରିସ୍ଥିତି

ନେଇ ୫ଟି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କ ସହ ସମୀକ୍ଷା କରିଛନ୍ତି। ବୈଠକରେ ସାଇବର ଅପରାଧ, ଅବୈଧ ନିଶା କାରବାର ବନ୍ଦ ଓ ପ୍ରତ୍ୟେକ ଜିଲ୍ଲାରେ ସାଇବର ଥାନା ଖୋଲିବା ସମ୍ପର୍କରେ ଆଲୋଚନା କରାଯାଇଛି। ଚାର୍ଜସିଟ୍ ଦାଖଲରେ ଅବହେଳା କରି ଅପରାଧୀ ବେଲ୍ ପାଇଲେ ତଦନ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ମହାନିର୍ଦ୍ଦେଶ କହିଛନ୍ତି।

**- V/O -**

ପୂର୍ବାହ୍ନରେ ଶ୍ରୀ ମିଶ୍ର ପ୍ରାଥମିକ ପ୍ରଶିକ୍ଷଣ ଅନୁଷ୍ଠାନ ବି.ଟି.ଆଇ. ବୁର୍ଲାଠାରେ ପଞ୍ଚମ ବ୍ୟାଚ୍ ସିପାହୀ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗ ଦେଇଥିଲେ।

Puri

## ଶ୍ରୀମନ୍ଦିର ପରିଚଳାନା କମିଟି ବୈଠକ

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଗଜପତି ମହାରାଜ ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ଅଟକଳ ରିପୋର୍ଟ ଉପସ୍ଥାପନ କରାଯାଇ ଆଲୋଚନା ହୋଇଥିଲା। ଆଦର୍ଶ ଗୁରୁକୁଳ ନିର୍ମାଣ, ସେବକ, ସେବକ ନିଯୋଗ, ମଠର ପ୍ରଚାର ପ୍ରସାର,  ତତ୍ତ୍ୱ ଗବେଷଣା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବିଚାରବିମର୍ଶ କରାଯାଇଛି। ଶ୍ରୀମନ୍ଦିର ପ୍ରମୋଦ ଉଦ୍ୟାନ, ଶ୍ରୀଜଗନ୍ନାଥ ସଂସ୍କୃତି କେନ୍ଦ୍ର

ଏବଂ ରଘୁନନ୍ଦନ ପାଠାଗାର, ସେବାୟତ ବାସଗୃହ, ହରଚଣ୍ଡୀ ସାହିରେ ଥିବା ଜାଗା ଉପରେ ଆଲୋଚନା ହୋଇଥିଲା। ଶ୍ରୀଜଗନ୍ନାଥ ଭୂମି ପରିଚାଳନା ଅଧିନିୟମ-୨୦୨୬ ପାଇଁ ଅନଲାଇନ୍ ପୋର୍ଟାଲ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବୈଠକରୁ ସୂଚନା ମିଳିଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଶ୍ରୀଜୀଉଙ୍କ ସୁନାବେଶ ପାଇଁ ନୂଆ ଅଳଙ୍କାର ସେଟ୍ ତିଆରି କରାଯିବ। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟିର ଅନୁମୋଦନ ମିଳିସାରିଛି। ଆସନ୍ତା ୩୦ ତାରିଖରୁ ଶ୍ରୀଗୁଣ୍ଡିଚା ମନ୍ଦିର ସର୍ବସାଧାରଣଙ୍କ ପାଇଁ ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲାଯିବ। ପ୍ରଥମ ତିନିଦିନ ଶ୍ରଦ୍ଧାଳୁଙ୍କ ପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଏହାପରେ ୧୦ଟା ଟଙ୍କା ଲେଖାଏଁ ଶୁଳ୍କ ଆଦାୟ କରାଯିବ। ବରିଷ୍ଠ ନାଗରିକ ଓ ଶିଶୁଙ୍କ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ଶ୍ରୀ ପାଢ଼ି କହିଛନ୍ତି।

**- V/O –**

BHK/Desk

# ବର୍ଷା

ପଶ୍ଚିମ କେନ୍ଦ୍ରୀୟ ଏବଂ ତତ୍ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଦୁର୍ବଳ ହେବାରେ ଲାଗିଛି। ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଉଛି। ଆସନ୍ତା ୨୪ ଘଣ୍ଟା

ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ବର୍ଷାଜନିତ ବନ୍ୟା ପରିସ୍ଥିତିର କ୍ଷୟକ୍ଷତି ଆକଳନ କରି କହିଛନ୍ତି, ବର୍ଷା ଯୋଗୁଁ ୧୦ଟି ଜିଲ୍ଲା ପ୍ରଭାବିତ ହୋଇଛି। ମୁଣ୍ଡଳିଠାରେ ଆଜି ମଧ୍ୟରାତ୍ରୀ ସୁଦ୍ଧା ୬ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ରହିଛି। ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି।

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଭଦ୍ରକ ଜିଲ୍ଲାର ସାଳନ୍ଦୀ ନଦୀର ରାଜଘାଟ ଓ ବୈତରଣୀ ନଦୀ ଆଖୁଆପଦାଠାରେ ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜିଲ୍ଲାର ବାସୁଦେବପୁର, ତିହିଡ଼ି, ଭଦ୍ରକ, ବନ୍ତ, ଚାନ୍ଦବାଲି ଆଦି ବ୍ଲକ ପ୍ରଭାବିତ ହୋଇଛି।

Nabarangpur

## ବନ୍ୟା– ସ୍ଥିତି ସମୀକ୍ଷା

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଧାୟକ ଗୌରୀଶଙ୍କର ମାଝୀ ଆଜି ନବରଙ୍ଗପୁର ସଦର ବ୍ଲକ ଓ କୋଷାଗୁମୁଡ଼ା ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ଆଶ୍ରୟସ୍ଥଳୀରେ ରହିଥିବା ଲୋକଙ୍କ ପାଖରେ ପହଁଞ୍ଚି ମନ୍ତ୍ରୀ ଶ୍ରୀ ଗଣ୍ଡ’ ଖାଦ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି।

ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

Desk

## ଫୁଟବଲ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଟାଟାଷ୍ଟିଲ୍ ଫ୍ରେଣ୍ଡସିପ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ କହିଛନ୍ତି, ଖେଳୁଆଡ଼ ମନୋଭାବ ଏବଂ ଭାଇଚାରା ସୁସ୍ଥ ସମାଜର ମୂଳଦୁଆ। ଖେଳ ମାଧ୍ୟମରେ ସମସ୍ତ ମଧ୍ୟରେ ଏକ ସମନ୍ୱୟ ସ୍ଥାପନ ହୋଇଥାଏ। ଏହି ଅବସରରେ ମୁଖ୍ୟମନ୍ତ୍ରୀ’ ଚୀନ୍‌ଠାରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ହକି-୨୦୨୬ରେ ଚମ୍ପିଆନ ହୋଇଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ୧୦ ଜଣ ହକି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରତ୍ୟେକ ଖେଳାଳିଙ୍କୁ ୧ କୋଟି ୨୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ।

Desk

## ଏସୀୟ କ୍ରୀଡ଼ା

ଜାପାନରେ ଅନୁଷ୍ଠିତ ଏସୀୟ କ୍ରୀଡ଼ା-୨୦୨୬ରେ ଉଭୟ ଭାରତୀୟ ପୁରୁଷ ଓ ମହିଳା କବାଡ଼ି ଦଳ ଫାଇନାଲରେ ଇରାନ୍‌କୁ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାକୁ ମିଶାଇ ଭାରତର ମୋଟ ପଦକ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି।